# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 2 September - 2024

---

## ସୁଭଦ୍ରା-ପଞ୍ଜୀକରଣ

ସୁଭଦ୍ରା ଯୋଜନାରେ ହିତାଧିକାରୀମାନଙ୍କର ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଯୋଜନାର ମାର୍ଗଦର୍ଶିକା ଜାରି କରାଯିବା ପରେ ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଆବେଦନକାରୀଙ୍କୁ ସଠିକ୍ ସୂଚନା ପ୍ରଦାନ ଏବଂ ଆବେଦନ ପ୍ରକ୍ରିୟାକୁ ସ୍ୱଚ୍ଛ ଭାବେ ନିର୍ବାହ କରିବା ପାଇଁ ମୁଖ୍ୟଶାସନ ସଚିବ ମନୋଜ  ଆହୁଜା, ଉନ୍ନୟନ କମିଶନର ଅନୁଗର୍ଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସମସ୍ତ ଜିଲ୍ଲାପାଳ, ରାଜସ୍ୱ ଆୟୁକ୍ତ ଏବଂ ଅନ୍ୟ ସମସ୍ତ ମହାନଗର ନିଗମ କମିଶନରଙ୍କ ସହ ଆଭାଷୀ ଜରିଆରେ ଆଲୋଚନା କରିଛନ୍ତି ।ଏହା ବ୍ୟତୀତ ଜିଲ୍ଲାସ୍ତରରେ ସମାଜ କଲ୍ୟାଣ ଅଧିକାରୀ, ପୋଷଣ ଜିଲ୍ଲା ସଂଯୋଜକ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀମାନଙ୍କୁ ଆଭାଷୀ ମାଧ୍ୟମରେ ତାଲିମ ଦିଆଯାଇଛି । ହିତାଧିକାରୀମାନେ ଯେପରି ସୁବିଧାରେ ଶୁଭଦ୍ରା ଯୋଜନା ପାଇଁ ଆବେଦନପତ୍ର ପାଇପାରିବେ, ଆବେଦନପତ୍ର ସେମାନଙ୍କଠାରୁ ଗ୍ରହଣ କରାଯାଇ ପାରିବ, ପଞ୍ଜୀକରଣ ପାଇଁ ସଠିକ୍ ଆବେଦନକାରୀଙ୍କୁ ଚିହ୍ନଟ ପାଇଁ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଅଙ୍ଗନବାଡ଼ି କର୍ମୀ, ସହାୟିକା, ଆଶାକର୍ମୀମାନେ  ଘରକୁ ଘର ଯାଇ ସଚେତନ କରାଉଛନ୍ତି ।

# ସୁଭଦ୍ରା-୨

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣରେ ସୁଭଦ୍ରା ଯୋଜନା ପାଇଁ ଆବେଦନ  ଫର୍ମ ପଠାଯାଇଛି । ଏହି ଯୋଜନା ନେଇ କୌଣସି ବିଭ୍ରାନ୍ତିକର ଖବର ଦ୍ୱାର ପ୍ରଭାବିତ ନ ହେବା ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୁଭଦ୍ରା ଯୋଜନା ସମ୍ପର୍କରେ ଅଧିକ ଜାଣିବା ପାଇଁ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନମ୍ବର **୧୪୬୭୮** ଜାରି କରାଯାଇଛି।  ନମ୍ବରଟି ପୁଣିଥରେ କହିରଖୁଛୁ - **୧୪୬୭୮** । ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଟୋଲ୍ ଫ୍ରି ନମ୍ବରକୁ ଫୋନ୍ କରି ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ହିତାଧିକାରୀମାନେ ପାଇପାରିବେ।

# ଭାଷା ବୃତ୍ତି ସମ୍ମାନ

ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି ସାମ୍ମନ-୨୦୨୪, ଆସନ୍ତା  ୫ ତାରିଖ ଗୁରୁବାର ପ୍ରଦାନ କରାଯିବ । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ଚଳିତବର୍ଷ ମାତୃଭାଷା- ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ବୃତ୍ତି ପ୍ରଦାନ କରାଯିବ । ଓଡ଼ିଆ ଭାଷା ବିଷୟରେ ସର୍ବାଧିକ ନମ୍ବର ରଖିଥିବା ପ୍ରାୟ ୭ ହଜାର ଛାତ୍ରଛାତ୍ରୀ ଏଥିପାଇଁ ମନୋନୀତ ହୋଇଛନ୍ତି । ଗୁରୁଦିବସ ଅବସରରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଭାଷା ବୃତ୍ତି ସମ୍ମାନ ପ୍ରଦାନ

କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାର ୩୩ ଜଣ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଠାରେ ଓଡ଼ିଆ ଭାଷା ବୃତ୍ତି ପ୍ରଦାନ କରାଯିବ ।

## ଜିଏସଟି

କେନ୍ଦ୍ର ସରକାର ଚଳିତବର୍ଷ ଅଗଷ୍ଟ ମାସରେ ୧ ଲକ୍ଷ ୭୪ ହଜାର କୋଟି ଟଙ୍କାର ସାମଗ୍ରି ଓ ସେବା ଟିକସ-ଜିଏସ୍‌ଟି ସଂଗ୍ରହ କରିଛନ୍ତି । ୨୦୨୩ ମସିହା ଅଗଷ୍ଟ ମାସରେ ଜିଏସଟି ଆଦାୟ ୧ ଲକ୍ଷ ୫୯ ହଜାର କୋଟି ଟଙ୍କା ଥିଲା । ବାର୍ଷିକ ଭିତ୍ତିରେ ଜିଏସଟି ଆଦାୟ କ୍ଷେତ୍ରରେ ଜିଏସ୍‌ଟି ଅଭିବୃଦ୍ଧିର ପରିମାଣ ୧୦ ପ୍ରତିଶତ ହୋଇଛି ।

## ଜନ ଅଭିଯୋଗ ଶୁଣାଣି ବନ୍ଦ୍

ଚଳିତ ମାସର ପ୍ରଥମ ତିନୋଟି ସୋମବାର ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ବନ୍ଦ ରହିବ।  ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ବିଧାନସଭା ଅଧିବେଶନ ଚାଲିଥିବାରୁ ଆଜି ଅଭିଯୋଗ ଶୁଣାଣି ବନ୍ଦ ରହିବ। ସେହିପରି ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ପାଇଁ ଚଳିତ ମାସ ୯ତାରିଖ ଏବଂ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଇଁ ୧୬ତାରିଖ ଜନ ଅଭିଯୋଗ ଶୁଣାଣିକୁ ବନ୍ଦ ରଖିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି।

## ସ୍ୱଚ୍ଛତା ପକ୍ଷ

ରାଜ୍ୟରେ ଆଜିଠାରୁ ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ସଫେଇ,

ସ୍ୱଚ୍ଛତା ଏବଂ ପରିମଳକୁ ଗୁରୁତ୍ୱ ଦିଆଯିବ । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱଚ୍ଛତା ଶପଥପାଠ କରାଯିବା ସହ ଆସନ୍ତାକାଲି ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ସେହିପରି ବୁଧବାର ଏବଂ ଗୁରୁବାର ଦିନ ପ୍ରତ୍ୟେକ ସାହି, ବସ୍ତି ଗୁଡ଼ିକରେ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ସ୍ୱଚ୍ଛତାପକ୍ଷ ପାଳନ ସମୟରେ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତାମାନ ଆୟୋଜନ କରାଯିବ ।

# ଟ୍ରେନ୍ ବାତିଲ୍

ଲଗାଣ ବର୍ଷା ଯୋଗୁଁ ବିଜୟୱାଡ଼ା-ରାଜମୁନ୍ଦ୍ରି ରେଳ ସେକ୍ସନରେ ସୃଷ୍ଟି ହୋଇଥିବା ଜଳବନ୍ଦୀ ସମସ୍ୟା ଯୋଗୁଁ ଗତକାଲି ଓ ଆଜିକୁ ମିଶାଇ ୧୮ଟି ଟ୍ରେନ୍‌କୁ ବାତିଲ କରାଯାଇଛି । ଏହା ବ୍ୟତୀତ ୩ଟି ଟ୍ରେନ୍‌କୁ ଆଂଶିକ ବାତିଲ କରାଯାଇଥିବା ବେଳେ ୭ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ ଓ ଗୋଟିଏର ସମୟ ପରିବର୍ତ୍ତନ କରାଯାଇଛି । ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍, ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ୍, ସମ୍ବଲପୁର-ନନ୍ଦେଡ ଏକ୍ସପ୍ରେସକୁ ଆଜି ବାତିଲ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି ।

# ଆଧାର ଅପ୍‌ଡେଟ୍

ମାଗଣାରେ ଆଧାର କାର୍ଡର ତଥ୍ୟକୁ ଅପ୍‌ଡେଟ୍ କରିବା ପାଇଁ ସରକାର ସମୟସୀମାକୁ ଚଳିତମାସ ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ୧୦ବର୍ଷରୁ ଅଧିକ ପୁରୁଣା ଆଧାରକୁ ଅନ୍‌ଲାଇନ୍ ଜରିଆରେ ଅପ୍‌ଡେଟ୍

କରାଯାଇ ପାରିବ । ସମୟସୀମା ପୂରଣ ହେବା ପରେ ଆଧାର ସମ୍ବନ୍ଧୀୟ ତଥ୍ୟ ଅପ୍‌ଡେଟ୍ କରାଇଲେ ୫୦ ଟଙ୍କା ଦେୟ ଦେବାକୁ ପଡ଼ିବ ବୋଲି ଭାରତୀୟ ଏକକ ପରିଚୟପତ୍ର ପ୍ରାଧିକରଣ-ୟୁ.ଆଇ.ଡି.ଏ.ଆଇ. ପକ୍ଷରୁ କୁହାଯାଇଛି ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରୁଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଓ କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଦକ୍ଷିଣ ଏବଂ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟରେ ଆସନ୍ତା ଗୁରୁବାରଠାରୁ ପୁଣି ବର୍ଷା ବଢ଼ିବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।